ସ୍ୱାମୀ ଆତ୍ମାନନ୍ଦ

ବନାମ

ସ୍ୱାମୀ ବୋଧାନନ୍ଦ ଏବଂ ଅନ୍ୟମାନେ

ଏପ୍ରିଲ 13,2005

[ବି. ପି. ସିଂହ ଏବଂ ଏସ୍. ବି. ସିହ୍ନା, ନ୍ୟାୟମୂର୍ତ୍ତିଦ୍ୱୟ]

ଭାରତର ସମ୍ବିଧାନ, 1950:

*ଅନୁଚ୍ଛେଦ 226 - ଦେୱାନୀ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଡିକ୍ରିକୁ ଦୃଷ୍ଟିରେ ରଖି ନିର୍ଦ୍ଦେଶ ପାଇଁ ପରମ ଆଜ୍ଞାଦେଶ – ଔଚିତ୍ୟ - ନିର୍ଣ୍ଣିତ ହେଲା - ଦେୱାନୀ ନ୍ୟାୟାଳୟ ଦ୍ୱାରା ପାରିତ ଡିକ୍ରିକୁ ଦେୱାନୀ କାର୍ଯ୍ୟବିଧି ସଂହିତାର ବ୍ୟବସ୍ଥାର ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟକାରୀ କରାଯିବ - ତେଣୁ, ଆଜ୍ଞାଦେଶ ଆବେଦନ ଉପଯୁକ୍ତ ପ୍ରତିକାର ନୁହେଁ- ଦେୱାନୀ କାର୍ଯ୍ୟବିଧି ସଂହିତା, 1908 ।*

ଦେୱାନୀ ନ୍ୟାୟାଳୟ ଦ୍ୱାରା ପାରିତ ଡିକ୍ରି ଅନୁଯାୟୀ, ଏଥିରେ ନିର୍ଦ୍ଦିଷ୍ଟ ଅନୁଷ୍ଠାନଗୁଡ଼ିକର ପରିଚାଳନା ଦାୟିତ୍ୱ ଗ୍ରହଣ କରିବାରେ ଅପିଲକାରୀଙ୍କୁ ସମସ୍ତ ସହାୟତା ଦେବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ କିମ୍ବା ପରମ ଆଜ୍ଞାଦେଶ ପ୍ରକୃତିର ଆଜ୍ଞାଦେଶ ଜାରି କରିବା ପାଇଁ ଏହି ଆଜ୍ଞାଦେଶ ଆବେଦନ ଦାୟର କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ମଞ୍ଜୁରୀ ଦେଇଛନ୍ତି । ତେଣୁ ବର୍ତ୍ତମାନର ଅପିଲ ।

ଅପିଲକୁ ଅନୁମତି ଦେଇ, ନ୍ୟାୟାଳୟ

ନିର୍ଣ୍ଣିତ କଲେ : ଦେୱାନୀ ନ୍ୟାୟାଳୟ ଦ୍ୱାରା ପାରିତ ଡିକ୍ରି ଦେୱାନୀ ପ୍ରକ୍ରିୟା ସଂହିତାରେ ଥିବା ବ୍ୟବସ୍ଥାର ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟକାରୀ ହେବା ଆବଶ୍ୟକ । ଏଥିପାଇଁ ଆଜ୍ଞାଦେଶ ଆବେଦନ ଉପଯୁକ୍ତ ପ୍ରତିକାର ନୁହେଁ । ମାମଲାର ସେହି ଦୃଷ୍ଟିକୋଣରୁ, ବିବାଦିତ ରାୟକୁ ବଜାୟ ରଖାଯାଇପାରିବ ନାହିଁ । ତଥାପି, ଏହା ନିଃସନ୍ଦେହ ଯେ ଏଠାରେ ପ୍ରଥମ ଉତ୍ତରଦାତା ଆଇନ ଅନୁଯାୟୀ ଡିକ୍ରି କାର୍ଯ୍ୟକାରୀ କରିବାକୁ ହକଦାର ହେବେ ।

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3058/2000 ।

ଡବ୍ଲ୍ୟୁ. ପି. ସଂଖ୍ୟା 15089/1998 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟର 13.10.99 ତାରିଖର ରାୟ ଏବଂ ଆଦେଶରୁ ।

କେ. ସୁକୁମାରନ୍, କେ. ରାମମୂର୍ତ୍ତି, ଏଲ୍. ଏନ୍. ରାଓ, ଡ. ଏ. ଫ୍ରାନ୍ସିସ୍ ଜୁଲିଆନ୍, ସୁମିତ କୁମାର, ଶ୍ରୀମତୀ ଅର୍ପୁଥାମ ଅରୁଣା ଆଣ୍ଡ କୋ. ପାଇଁ। ସେମାନଙ୍କ ସହ ଏମ୍. ଏ. ଚିନ୍ନାସାମୀ, ଶ୍ରୀମତୀ ଏନ୍. ଶୋଭା, ଶ୍ରୀରାମ ଥାଲାପାଥି, ଏନ୍. କେ. ଅରୁଳମୁରୁଗାନନ୍ଦମ୍, ବିକାଶ ମେହେଟ୍ଟା, ସୁଶ୍ରୀ ଇନ୍ଦୁ ମାଲହୋତ୍ରା, ସୁଶ୍ରୀ ମମତା ଚୌଧୁରୀ, ପି. ନେଦୁ ଚେଜିଆନ୍, ସି. ପରମଶିବମ୍, ଆର୍. ଆୟାମ୍ ପେରୁମାଲ୍, ସେବା ରାମ୍, ଏସ୍. ଭଲ୍ଲିନାୟଗମ, ସତ୍ୟ ମିତ୍ର ଗର୍ଗ ଉପସ୍ଥିତ ପକ୍ଷଙ୍କ ପାଇଁ ଥିଲେ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଏସ୍. ବି. ସିହ୍ନାଙ୍କ ଦ୍ୱାରା, ଏହି ଅପିଲ ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ଦ୍ୱାରା ଆଜ୍ଞାଦେଶ ଆବେଦନ ସଂଖ୍ୟା 15089/1998 ରେ ପାରିତ ହୋଇଥିବା 13.10.1999 ର ରାୟ ଏବଂ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି ଯାହା ଅଧୀନରେ ସ୍ୱାମୀ ବୋଧାନନ୍ଦଙ୍କ ଦ୍ୱାରା ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଅନୁମତି ଦିଆଯାଇଥିଲା । ଉକ୍ତ ଆଜ୍ଞାଦେଶ ଆବେଦନ ସେଥିରେ ନିର୍ଦ୍ଦିଷ୍ଟ ଅନୁଷ୍ଠାନଗୁଡ଼ିକର ପରିଚାଳନା ଗ୍ରହଣ କରିବାରେ, ଆବେଦନକାରୀଙ୍କୁ ସମସ୍ତ ସହାୟତା ଦେବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ କିମ୍ବା ପରମ ଆଜ୍ଞାଦେଶ ପ୍ରକୃତିର ଏକ ଆଜ୍ଞାଦେଶ ଜାରି କରିବା ପାଇଁ , ଦାୟର କରାଯାଇଥିଲା । ଉକ୍ତ ଆଜ୍ଞାଦେଶ ଆବେଦନ ଦେୱାନୀ ନ୍ୟାୟାଳୟର ରାୟକୁ ଦୃଷ୍ଟିରେ ରଖି ଦାୟର କରାଯାଇଥିଲା ।

ଦେୱାନୀ ନ୍ୟାୟାଳୟ ଦ୍ୱାରା ପାରିତ ଡିକ୍ରି ଦେୱାନୀ ପ୍ରକ୍ରିୟା ସଂହିତାରେ ଥିବା ବ୍ୟବସ୍ଥାର ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟକାରୀ ହେବା ଆବଶ୍ୟକ । ଏଥିପାଇଁ ଆଜ୍ଞାଦେଶ ଆବେଦନ ଉପଯୁକ୍ତ ପ୍ରତିକାର ନୁହେଁ । ମାମଲାର ସେହି ଦୃଷ୍ଟିକୋଣରୁ, ବିବାଦିତ ରାୟକୁ ବଜାୟ ରଖାଯାଇପାରିବ ନାହିଁ, ଯାହା ସେହି ଅନୁଯାୟୀ ବାତିଲ କରାଯାଇଛି । ଅପିଲକୁ ଅନୁମତି ଦିଆଯାଇଛି । ତଥାପି, ଏହା

ନିଃସନ୍ଦେହ ଯେ ଏଠାରେ ପ୍ରଥମ ଉତ୍ତରଦାତା ଆଇନ ଅନୁଯାୟୀ ଡିକ୍ରି କାର୍ଯ୍ୟକାରୀ କରିବାକୁ ହକଦାର ହେବେ ।

ଡି. ଜି.

ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

କ୍ରିଷ୍ଣା ଦାଶ
ଅନୁବାଦିକା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।